# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ଇଶ୍ୱରଙ୍କଠାରୁ ପ୍ରେରିତ ଜଣେ ଲୋକ


ଲେଖକ: Edward Hughes

ଦୃଷ୍ଟାନ୍ତ: Byron Unger; Lazarus

ଅନୁବାଦକ: Prasanta Bhuyan

ଉପ୍ଯୋଜକ: E. Frischbutter; Sarah S.



କାହାଣି ୬୦ ରୁ ୩୭

www.M1914.org

***Bible for Children,*** *PO Box 3, Winnipeg, MB R3C 2G1 Canada*



ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି, ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।


ଓଡ଼ିଆ

Oriya

ଦିନେ ଇଶ୍ୱରଙ୍କ ମନ୍ଦିର ଭିତରେ, ଜିଖରିଅ ନାମକ ଜଣେ ବୃଦ୍ଧା ଜାଜକ, ଧୁପ ଦେଉଥିଲେ । ବାହାରେ ଲୋକମାନେ ପ୍ରାର୍ଥନା କରୁଥିଲେ । ଅଚାନକ୍ ଭାବରେ, ଯିଖରିଅ ଭୟଭିତ ହୋଅଗଲେ ।



1

ଜଣେ ଦୂତ ତାଙ୍କ ନିକଟକୁ ଆସିଥିଲେ । ଭୟ କରନାହିଁ, ସେ କହିଲେ । ପରମେଶ୍ୱର ମତେ ପଠାଇ ଅଛନ୍ତି । ତୁମ୍ଭର ପତ୍ନୀ ଗୋଟିଏ ପୁତ୍ର ପ୍ରଶବ କରିବେ । ତାଙ୍କୁ ଯୋହନ ଡାକିବ ।



2


ଜନ୍ମ ସମୟରୁ ହିଁ ସେ ପବିତ୍ରାତ୍ମାରେ ପରିପୂର୍ଣ୍ଣ ହୋଇ ରହିବେ । ସେ ଅନେକଙ୍କୁ ପରମେଶ୍ୱରଙ୍କ ନିକଟକୁ ଫେରାଇ ଆଣିବେ ।
3


"ଆମ୍ଭମାନଙ୍କୁ କଥା କୁହ, ଯିଖରିଅ ।" ଲୋକମାନେ ଅବାକ୍ ହୋଇଗଲେ । ସେମାନେ କିଛି ଜାଣିନଥିଲେ ଯେ ଗାବ୍ରିଏଲ୍ ତାଙ୍କୁ ତାଙ୍କର ସନ୍ତାନ ହେବା ପର୍ଯ୍ୟନ୍ତ ସେ ମୁକ ହୋଇ ରହିବାକୁ ଆଜ୍ଞା ଦେଇଥିଲେ, କାରଣ ସେ ପରମେଶ୍ୱରଙ୍କ ବାକ୍ୟ ଉପରେ ବିଶ୍ୱାସ କଲେ ନାହିଁ । ସେ ଭାବିଲେ ଯେ ତାଙ୍କ ପତ୍ନୀ ଅତ୍ୟଧିକ ବୃଦ୍ଧା ଏବଂ ତାଙ୍କ ନିମନ୍ତେ ସନ୍ତାନ ଜନ୍ମ କରିବା ଅସମ୍ଭବ ଅଟେ ।
4


ଘରେ, ଯିଖରିୟ ଦୂତଙ୍କ କହିଥିବା ସମସ୍ତ କଥା ଲେଖି ଜଣାଇଲେ । ଏଲିଶାବେଥ୍, ତାଙ୍କର ପତ୍ନୀ ଆଶ୍ଚର୍ଯ୍ୟ ହୋଇଗଲେ । ସେମାନେ ବହୁ କାଳରୁ ସନ୍ତାନ ନିମନ୍ତେ ପ୍ରାର୍ଥନା କରିଆସୁଥିଲେ । ବର୍ତ୍ତମାନ୍ ଏହା ହୋଇପାରେ କି?
5


ବହୁଶିଘ୍ର ଏଲିଶାବେଥ୍, ସନ୍ତାନ ଆଗମନ କଥା ଜାଣିପାରିଲେ । ସେ ପରମେଶ୍ୱରଙ୍କୁ ଧନ୍ୟବାଦ୍ ଦେଲେ । ଦିନେ, ମରିୟମ୍ ଏଲିଶାବେଥ୍ଙ୍କର ଭଉଣୀ ତାଙ୍କୁ ଭେଟିବାକୁ ଆସିଲେ । ମରିୟମ୍ ମଧ୍ୟ ଗର୍ଭବତୀ ଥିଲେ ।
6


ଯେତେବେଳେ ମରିୟମ ପହଞ୍ଚିଲେ, ଏଲିଶାବେଥ୍ଙ୍କ ଗର୍ଭରେ ପିଲାଟି ନାଚ଼ି ଉଠିଲା । ଏଲିଶାବେଥ୍ ପବିତ୍ରାତ୍ମାରେ ପୂର୍ଣ୍ଣ ହେଲେ । ସେ ଜାଣିପାରିଲେ ଯେ ମରିୟମଙ୍କ ଗର୍ଭଜାତ ସନ୍ତାନଟି ଖ୍ରୀଷ୍ଟ ଅଟନ୍ତି । ଦୁହେଁ, ସେମାନେ ଆନନ୍ଦରେ ପରମେଶ୍ୱରଙ୍କର ଉପାସନା କଲେ ।
7


ଏଲିଶାବେଥ୍ଙ୍କ ପୁତ୍ର ପରମେଶ୍ୱରଙ୍କ ପ୍ରତିଜ୍ଞା ଅନୁସାରେ ଜନ୍ମଗ୍ରହଣ କଲା । "ତାଙ୍କୁ ତାଙ୍କ ପିତାଙ୍କ ନାମ ଅନୁସାରେ ଯିଖରିଅ ରଖାଯାଉ," ଅନ୍ୟ ଯାଜକ କହିଲେ । ଯିଖରିଅ ପରମେଶ୍ୱରଙ୍କ ଆଜ୍ଞାକୁ ମନେକଲେ । ନୁହେଁ, ସନ୍ତାନର ନାମ ଯୋହନ ହେବ । ସେ ଯେତେବେଳେ ଏହା ଲେଖିପକାଇଲେ ତାଙ୍କ ମୁଖ ଖୋଲିଗଲା, ଓ ସେ କଥା କହିପାରିଲେ । ସେ ପରମେଶ୍ୱରଙ୍କ ମହିମା କଲେ ।
8

ଯେତେବେଳେ ଯୋହନ ବଢ଼ିଲେ ସେ ଏଲିୟଙ୍କ ପରି ହୋଇଗଲେ, ଜଣେ ପରମେଶ୍ୱରଙ୍କର ମହାନ ବ୍ୟକ୍ତି । ଯୋହନ ପ୍ରଚାର କରୁଥିଲେ ବହୁଶିଘ୍ର ମସିହ ସେମାନଙ୍କୁ ଆସିର୍ବାଦ କରିବାକୁ ଆସୁଛନ୍ତି ।



9

ଯିହୁଦୀୟ ଧର୍ମଗୁରୁମାନେ ଯୋହନଙ୍କୁ ଘୃଣା କରୁଥିଲେ କାରଣ ସେ ସେମାନଙ୍କୁ ମନ ପରିବର୍ତ୍ତନ କର ଓ ପାପ କରିବାରୁ ବିମୁଖ ହୁଅ କହୁଥିଲେ । ସେମାନେ ନିଜର ପାପ ବିଷୟରେ ଶୁଣିବାକୁ ଇଛା କରୁ ନ ଥିଲେ ।



10

ଅନ୍ୟମାନେ ତାଙ୍କୁ ବାପ୍ତିଜକ ଯୋହନ ଡାକୁଥିଲେ କାରଣ ଯେତେବେଳେ ଲୋକମାନେ ସେମାନଙ୍କ ନିଜର ପାପ ନିମନ୍ତେ ଅନୁତାପ କରି ମନ ଫେରାଇ ତାଙ୍କ ନିକଟକୁ ଆସିଲେ ସେ ସେମାନଙ୍କୁ ଜଳରେ ବାପ୍ତିଷ୍ମ ଦେଉଥିଲେ । ଦିନେ, ଯିଶୁଖ୍ରୀଷ୍ଟ ମଧ୍ୟ ତାଙ୍କ ନିକଟକୁ ବାପ୍ତିଷ୍ମ ନେବାକୁ ଆସିଲେ । ବରଂ ତୁମେ ମୋତେ ବାପ୍ତିଷ୍ମ ଦେବା ଉଚ଼ିତ୍, ଯୋହନ ତାଙ୍କୁ କହିଲେ । କିନ୍ତୁ ଯୀଶୁ ତାହାଙ୍କୁ କହିଲେ, ବର୍ତ୍ତମାନ୍ ଏହାହିଁ ହେବା ଉଚ଼ିତ୍ । ଏବଂ ଯୋହନ ତାଙ୍କୁ ବାପ୍ତିଷ୍ମ ଦେଲେ ।



11

ଯୀଶୁଙ୍କର ବାପ୍ତିଷ୍ମ ପରେ, ଯୋହନ ଦେଖିଲେ ପବିତ୍ରାତ୍ମା ଏକ କାପ୍ତା ରୁପରେ ଯୀଶୁଙ୍କ ଉପରେ ଅବତରଣ କଲା । ଏହା ଏକ ପରମେଶ୍ୱରଙ୍କ ଚ଼ିହ୍ନ ଥିଲା । ଯୋହନ ଜାଣିଥିଲେ ଯେ ଯୀଶୁ ପରମେଶ୍ୱରଙ୍କ ପୁତ୍ର ଅଟନ୍ତି । ଯୋହନ ଯୀଶୁଙ୍କୁ ଇଶ୍ୱରଙ୍କ ଗୋଟିଏ ମେଷ ଶାବକ ଡାକିଲେ ଯେ କି ଜଗତର ସମସ୍ତ ପାପ ବୋହି ନେଇଯିବେ ।



12

ଯୋହନ ଅନେକଙ୍କୁ ପରମେଶ୍ୱରଙ୍କ ନିକଟକୁ ଆଣିଲେ । କିନ୍ତୁ ହେରଦ, ଏକ ଦୁଷ୍ଟ ଶାସକ, ଯୋହନଙ୍କୁ କାରାଗାରରେ ନିକ୍ଷେପ କଲେ । ହେରଦିୟା, ତୁମ୍ଭର ଭାଇର ସ୍ତ୍ରୀଙ୍କୁ ନିଜର କରି ବିବାହ କରିବା ତୁମ୍ଭପାଇଁ ପାପ ଅଟେ, ଯୋହନ ହେରଦଙ୍କୁ କହିଲେ । ହେରଦ ମଧ୍ୟ ଜାଣିଥିଲେ ଯେ ଏହା ସତ୍ୟ ଅଟେ ।



13

ସେ ଜାଣିଥିଲେ ଯେ ଯୋହନ ଏକ ପରମେଶ୍ୱରଙ୍କ ସେବକ, ସେ ସିଦ୍ଧ ଓ ଧାର୍ମିକ ବ୍ୟକ୍ତି ଅଟନ୍ତି । କିନ୍ତୁ ସେ ପାପ କରିବାରୁ କ୍ଷାନ୍ତ ହେଲେ ନାହିଁ । ଏବଂ ଯୋହନ ମଧ୍ୟ ପାପ ବିଷୟରେ ବନ୍ଦି ଶାଳାରେ ହେଲେ ଶୁଦ୍ଧା ପ୍ରଚ଼ାର କରିବାରୁ କ୍ଷାନ୍ତ ହେଲେ ନାହିଁ ।



14













ଇଶ୍ୱରଙ୍କଠାରୁ ପ୍ରେରିତ ଜଣେ ଲୋକ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ମ ାର୍କ ୬, ଲୁକ ୧, ୩

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ । ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍ ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ: ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ, ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।